রাଜା ରାମ୍ ଏବଂ ଅନ୍ୟମାନେ

ବନାମ

ମଧ୍ୟପ୍ରଦେଶ ରାଜ୍ୟ

ଫେବୃଆରୀ 22,1994

[ଡ. ଏ.ଏସ୍. ଆନନ୍ଦ ଏବଂ ଫୈଜାନ ଉଦ୍ଦୀନ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ଦଣ୍ଡ ସଂହିତା 1860 - ଧାରା 302/149 ଏବଂ ଧାରା 304 ଭାଗ II/ ୧୪୯ - ମଧ୍ୟରେ ପାର୍ଥକ୍ୟ -ମାରାତ୍ମକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଅଭିଯୁକ୍ତ -ମୃତ ବ୍ୟକ୍ତିଙ୍କୁ ଆଘାତ ଦେବା ପାଇଁ ଏହାର ବ୍ୟବହାର ନକରିବା -ଶରୀରର ଅଣ -ଗୁରୁତ୍ୱପୂର୍ଣ୍ଣ ଅଂଶରେ ଲାଠି ଦ୍ୱାରା ହୋଇଥିବା ଆଘାତ -ମୃତ୍ୟୁ ଘଟାଇବାର କୌଣସି ଉଦ୍ଦେଶ୍ୟ ନାହିଁ – ନିର୍ଣ୍ଣୟ ହେଲା - 304 ଭାଗ 2 ଅନୁଯାୟୀ ଅପରାଧ।*

*ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ଓ ଦଣ୍ଡ — ଯେଉଁ ଅଭିଯୁକ୍ତ ଅପିଲ କରିନାହାନ୍ତି ତାଙ୍କୁ ଦିଆଯାଇଥିବା ସୁବିଧା — ନିର୍ଣ୍ଣୟ ହେଲା :ଯଦି ତାଙ୍କ ମାମଲା ଏହି ନ୍ୟାୟାଳୟ ଦ୍ୱାରା ପ୍ରତିକାର ପାଇଥିବା ଅପିଲକାରୀମାନଙ୍କ ମାମଲା ସହିତ ସମାନ ହୁଏ, ତେବେ ସେହି ସୁବିଧା ତାଙ୍କୁ ମଧ୍ୟ ବିସ୍ତାରିତ କରାଯାଇପାରେ।*

*ପ୍ରମାଣର ତର୍ଜମା - ପ୍ରମାଣର ଗୁରୁତ୍ୱପୂର୍ଣ୍ଣ ଯାଞ୍ଚ କରିବେ ଅଦାଲତ- ଛୋଟ ଛୋଟ ଅସଙ୍ଗତି ଏବଂ ବିରୋଧାତ୍ମକ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ନୁହେଁ।*

*ଦଣ୍ଡବିଧି ସଂହିତା, 1973 - ଧାରା 154 - FIR — ରିପୋର୍ଟ ଦାଖଲ କରିବାରେ ବିଳମ୍ବ — ପୀଡ଼ିତଙ୍କ ଆତ୍ମୀୟମାନଙ୍କ ଦ୍ୱାରା ପ୍ରଥମିକ ଚିକିତ୍ସା ବ୍ୟବସ୍ଥା କରିବାର ଉତ୍କଣ୍ଠା ଯୋଗୁଁ — ପ୍ରଥମିକ ଚିକିତ୍ସା ପରେ FIR ଦାଖଲ — ନିର୍ଣ୍ଣୟ ହେଲା : ବିଳମ୍ବ ନାହିଁ।*

**ଆବେଦନକାରୀମାନେ ଅନ୍ୟ ଦୁଇଜଣ ସହିତ ମିଶି ଭାରତୀୟ ଦଣ୍ଡ ସଂହିତା (IPC) ଧାରା 302 ସହିତ 149 ରେ, ଏବଂ ଧାରା 148 ଓ 147 ଅନୁସାରେ ଅଭିଯୋଗରେ ବିଚାରଣା ହୋଇଥିଲେ । ସେମାନଙ୍କ ମଧ୍ୟରୁ କିଛିଜଣଙ୍କୁ ଧାରା 323, 325 ଓ 436 ଅନୁସାରେ ମଧ୍ୟ ବିଚାରଣା ହୋଇଥିଲେ । ସମସ୍ତ ଅଭିଯୁକ୍ତଙ୍କୁ ବିଚାରଣା ଅଦାଲତ ଦ୍ୱାରା ନିର୍ଦୋଷ ସାବ୍ୟସ୍ତ ହୋଇଥିଲେ । କିନ୍ତୁ,**

ଆବେଦନ ହେବା ପରେ ଉଚ୍ଚ ନ୍ୟାୟାଳୟ ମୁକ୍ତି ଆଦେଶକୁ ବାତିଲ କରି ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କଲେ । କେତେକ ଅଭିଯୁକ୍ତ ଆଇ. ପି. ସି. ଧାରା **323** ଏବଂ **325** ଅନୁଯାୟୀ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଉଚ୍ଚ ନ୍ୟାୟାଳୟର ରାୟ ପ୍ରତି ବ୍ୟଥିତ ହୋଇ, ଦଶଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଆଠଜଣ ବର୍ତ୍ତମାନ ଆବେଦନ ଦାଖଲ କଲେ ।

ଆଂଶିକ ଭାବରେ ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ

ରାୟ ଦେଲେ : ନଥିରେ ଥିବା ପ୍ରମାଣକୁ ତର୍ଜମା କରି ଜଣାପଡିଛି ଯେ, ଦୋଷୀ ବିରୁଦ୍ଧରେ ଦୋଷ ସାବ୍ୟସ୍ତ କରିବାରେ ଅଭିଯୋଜନ ସଫଳ ହୋଇଛନ୍ତି, ଯଥାର୍ଥ ସନ୍ଦେହ ବାହାରେ । ଚାକ୍ଷସୁ ସାକ୍ଷୀଙ୍କର ସାକ୍ଷ୍ୟ ସୁସଂଗତ ଅଟେ ଏବଂ କିଛି ଏମିତି ପ୍ରସ୍ତାବ ଦିଆଯାଇନାହିଁ, ଯାହାଦ୍ୱାରା ସେମାନଙ୍କର ବିଶ୍ୱସନୀୟତା ଉପରେ ସନ୍ଦେହ ଉତ୍ପନ୍ନ ହେବାର ସମ୍ଭାବନା ରହିଥାଏ । ସେମାନେ ଜେରାର ଭଲ ଭାବରେ ସମ୍ମୁଖୀନ ହୋଇଛନ୍ତି । ଦୁଇ ଜଣ ପ୍ରତ୍ୟକ୍ଷଦର୍ଶୀ ହେଉଛନ୍ତି ଚିହ୍ନଟ ହୋଇଥିବା ସାକ୍ଷୀ ଯେଉଁମାନେ ନିଜେ ଆହତ ହୋଇଛନ୍ତି । ବାସ୍ତବରେ, ଦୋଷୀ ସାବ୍ୟସ୍ତ କରିଥିବା ସାକ୍ଷୀମାନେ, ଆକ୍ରମଣରେ ଅଭିଯୁକ୍ତଙ୍କ ଭୂମିକାକୁ ଅତିରଞ୍ଜିତ କରିବାକୁ ଚେଷ୍ଟା କରିଛନ୍ତି, କିନ୍ତୁ କେବଳ ଏହି ଆଧାରରେ ସମଗ୍ର ଅଭିଯୋଜନ ମାମଲାକୁ ଖାରଜ କରାଯାଇପାରିବ ନାହିଁ । ବିଚାରଣ ନ୍ୟାୟାଳୟ ପ୍ରମାଣର ଗୁରୁତ୍ୱପୂର୍ଣ୍ଣ ଯାଞ୍ଚ ନକରି ସମଗ୍ର ଅଭିଯୋଜନ ମାମଲାକୁ ଖାରଜ କରିବାର ସହଜ ମାଧ୍ୟମ ଗ୍ରହଣ କରିଥିଲେ ଏବଂ ଛୋଟ ଛୋଟ ଅସଙ୍ଗତି ଏବଂ ବିରୋଧାତ୍ମକ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଥିଲେ । ବିଚାରଣ ନ୍ୟାୟାଳୟଙ୍କର ସିଦ୍ଧାନ୍ତ ଅନୁମାନାତ୍ମକ ଏବଂ ଅନୁମାନ ଉପରେ ଆଧାରିତ ।

**2.1.**ଏଫ୍ଆଇଆର୍ ଦାଖଲ କରିବାରେ ବିଳମ୍ବ ଯୋଗୁଁ ବିଚାରଣ ନ୍ୟାୟାଳୟ ଯେଉଁ ପ୍ରତିକୂଳ ଅନୁମାନ ବାହାର କରିଛନ୍ତି, ତାହା ଆଦୌ ଯୁକ୍ତିଯୁକ୍ତ ନୁହେଁ, ଯେହେତୁ ଏହି ଘରେ ନିଆଁ ଲାଗିଯାଇଥିଲା ଏବଂ ସମସ୍ତ ବାସିନ୍ଦା ଆହତ ହୋଇଥିଲେ । ସେମାନଙ୍କ ସମ୍ପର୍କୀୟଙ୍କ ଚିନ୍ତାର ବିଷୟ ଥିଲା କି ସେମାନଙ୍କୁ ତୁରନ୍ତ ପୋଲିସ ଷ୍ଟେସନକୁ ଯାଇ ରିପୋର୍ଟ ଦେବା ପରିବର୍ତ୍ତେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଉ । ଏହା ଛଡା ଅପରାହ୍ଣ **3.30** ରେ ପୋଲିସ ଷ୍ଟେସନରେ ବିବରଣୀ ଦାଖଲ କରିବା, ଯାହା ସକାଳ ପ୍ରାୟ **11** ଟାରେ ଘଟିଥିଲା, ତାହା ବିଳମ୍ବିତ ବିବରଣୀ ଦାଖଲ ବୋଲି କୁହାଯାଇପାରିବ ନାହିଁ ।

3. ଘଟଣା ସମୟରେ ଆହତ ହୋଇଥିବା **PW 1** ଏବଂ **PW 7** ଙ୍କ ପ୍ରମାଣ ଏବଂ ବିଶେଷକରି ବିଶ୍ୱସ୍ତ ବୟାନର ବିଶ୍ଳେଷଣରୁ, **PW 1** ଏବଂ **PW 7** ଙ୍କୁ ହୋଇଥିବା ଆଘାତ ପାଇଁ ଧାରା

**325** ଅନୁଯାୟୀ ଅପରାଧ ପାଇଁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆବେଦନକାରୀଙ୍କ ବିରୁଦ୍ଧରେ ନଥିଭୁକ୍ତ କରାଯାଇଥିବା ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶ କୌଣସି ହସ୍ତକ୍ଷେପ ଆବଶ୍ୟକ କରେ ନାହିଁ।

**4.1.** ଡାକ୍ତରୀ ପ୍ରମାଣରୁ ଏହା ଜଣାପଡ଼ିଛି ଯେ ମୃତକଙ୍କୁ ବାଲାମ୍, ଫାର୍ଶା ଏପରିକି ଏକ କୁରାଢ଼ୀ ଦ୍ୱାରା ମଧ୍ୟ କୌଣସି ଆଘାତ ହୋଇନଥିଲା । ମୃତ ବ୍ୟକ୍ତିଙ୍କ ବାମ ପାଦ ନିକଟରେ ଆଣ୍ଠୁ ତଳେ ଦେଶୀ ପିସ୍ତଲ ଦ୍ୱାରା ହୋଇଥିବା ଆଘାତକୁ ନେଇ ଏହା ମଧ୍ୟ ପ୍ରମାଣିତ ହୋଇଛି ଯେ, ଅଭିଯୁକ୍ତ ପକ୍ଷ ମୃତ ବ୍ୟକ୍ତିଙ୍କ ହତ୍ୟା କରିବାକୁ ଚାହୁଁନଥିଲେ ।

**4.2.** ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟ ଓ ଡାକ୍ତରୀ ପ୍ରମାଣକୁ ଦୃଷ୍ଟିରେ ରଖି ଏହା କୁହାଯାଇପାରିବ ନାହିଁ ଯେ, ଆବେଦନକାରୀମାନେ ମୃତ ବ୍ୟକ୍ତିଙ୍କୁ ଏପରି ଆଘାତ ଦେବାକୁ ଚାହୁଁଥିଲେ ଯାହା ସାଧାରଣ ପ୍ରକୃତି ଅନୁସାରେ ତାଙ୍କ ମୃତ୍ୟୁର କାରଣ ହୋଇପାରିଥାନ୍ତା । ତେଣୁ, ଆବେଦନକାରୀଙ୍କ ମାମଲା **IPC** ର ଧାରା **300** ରେ ଥିବା ହତ୍ୟାର ପରିଭାଷାର ଚାରୋଟି ଖଣ୍ଡ ମଧ୍ୟରୁ କୌଣସିଟିର ପରିସର ମଧ୍ୟରେ ଆସୁନାହିଁ।

**4.3.** କିନ୍ତୁ, ଆହତ କରିବା ସମୟରେ, ଆବେଦନକାରୀମାନେ ଏହି ଜ୍ଞାନରେ ଥିଲେ ଯେ ତାଙ୍କର କାର୍ଯ୍ୟରୁ ମୃତକଙ୍କ ମୃତ୍ୟୁ ସମ୍ଭାବ୍ୟ, ଯଦିଓ ସେମାନଙ୍କର ମୃତ୍ୟୁ କରିବାର କିମ୍ବା ଏମିତି ଶାରୀରିକ ଆଘାତ କରିବାର ଇଚ୍ଛା ନଥିଲା ଯାହା ତାଙ୍କର ମୃତ୍ୟୁକୁ ସମ୍ଭାବ୍ୟ କରିପାରିଥାନ୍ତା । ଏହି ପରିସ୍ଥିତିରେ ଅପରାଧଟି, ତେଣୁ, ଭାରତୀୟ ଦଣ୍ଡ ସଂହିତାର ଧାରା **299** ର ତୃତୀୟ ଖଣ୍ଡ ଅନୁସାରେ ହତ୍ୟା ସମାନ ନୁହେଁ ଏକ ଦୋଷୀୟ ହତ୍ୟା ହେବ, ଯାହା **IPC** ର ଧାରା **304** ଭାଗ-**II/149** ଅନୁସାରେ ଦଣ୍ଡନୀୟ ଅଟେ । ଅଭିଯୁକ୍ତମାନଙ୍କ ବିରୋଧରେ **IPC**ର ଧାରା **302/149** ଅନୁସାରେ ଯେ ଦୋଷସିଦ୍ଧି ହୋଇଥିଲା, ସେହି ଦୋଷସିଦ୍ଧିକୁ ବାତିଲ୍ କରାଯାଉଛି ଏବଂ ତାହାର ପରିବର୍ତ୍ତେ ସେମାନଙ୍କୁ ଧାରା **304** ଭାଗ-**II** ସହିତ ପଢାଯାଇଥିବା ଧାରା **149 IPC** ଅନୁସାରେ ଦୋଷୀ ଘୋଷଣା କରାଯାଉଛି ।

5. ଯଦି ପ୍ରତ୍ୟେକ ଅଭିଯୁକ୍ତଙ୍କୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଶସ୍ରମ କାରାଦଣ୍ଡ ଏବଂ ପ୍ରତ୍ୟେକଙ୍କୁ **1000** ଟଙ୍କା ଜରିମାନା ଦଣ୍ଡ ଦିଆଯାଏ, ତେବେ ତାହା ନ୍ୟାୟର ଉଦ୍ଦେଶ୍ୟକୁ ପୂରଣ କରିବ ।

6. ଆବେଦନକାରୀଙ୍କ ବ୍ୟତୀତ ଦୁଇ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କର ଜେଲରେ ମୃତ୍ୟୁ ହୋଇଛି ଏବଂ ଅନ୍ୟ ଜଣେ ତାଙ୍କ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶ ବିରୁଦ୍ଧରେ କୌଣସି ଆବେଦନ କରିନାହାଁନ୍ତି । ତେବେ, ତାଙ୍କ ମାମଲା ଆବେଦନକାରୀଙ୍କ ମାମଲା ସହିତ ସମାନ ଏବଂ ଏଥିରେ

**କୌଣସି ଭିନ୍ନତା ନାହିଁ । ତେଣୁ, ଏହି ରାୟର ସୁବିଧା ମଧ୍ୟ ତାଙ୍କୁ ଉପଲବ୍ଧ କରାଯିବା ଉଚିତ । IPCର ଧାରା 302/149 ଅନୁଯାୟୀ ତାଙ୍କ ଦଣ୍ଡାଦେଶକୁ IPCର ଧାରା 304 ଭାଗ II ସହିତ ପଠିତ ଧାରା 149 ଅନୁଯାୟୀ ଦଣ୍ଡିତ କରାଯାଇଛି । ତାଙ୍କୁ ପାଞ୍ଚ ବର୍ଷ ସଶ୍ରମ କାରାଦଣ୍ଡ ଏବଂ 1000 ଟଙ୍କା ଜରିମାନା ମଧ୍ୟ ଦିଆଯାଇଛି ।**

ଫୌଜଦାରୀ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 509/1992 ।

Crl. A. ସଂଖ୍ୟା 1326 of 1985 ରେ ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର 21.7.92 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ରାଜିନ୍ଦର ସିଂହ ଏବଂ ରଣଜିତ କୁମାର ଆବେଦନ କରିଥିଲେ ।

ରଣଧୀର ଜୈନ ଏବଂ ଉମା ନାଥ ସିଂହ ଉତ୍ତରଦାତା ପାଇଁ ।

ନ୍ୟାୟାଳୟଙ୍କର ରାୟ **ଡା. ଆନନ୍ଦ, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା । ଏହି ଆବେଦନଟି ସର୍ବୋଚ୍ଚ ନ୍ୟାୟାଳୟ (ଫୌଜଦାରୀ ଅପିଲ ଅଧିକାରିତା ସମ୍ପ୍ରସାରଣ) ଅଧିନିୟମ, 1970 ର ଧାରା 2 ଅନୁସାରେ ଦାଖଲ କରାଯାଇଛି ଏବଂ ଏହା ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟଙ୍କର ଫୌଜଦାରୀ ଆବେଦନ ସଂଖ୍ୟା 1326/ 1985 ମାମଲାର ରାୟ ବିରୋଧରେ ଦାଖଲ ହୋଇଛି, ଯାହା ଦ୍ୱାରା ଅତିରିକ୍ତ ଦୌରା ବିଚାରପତିଙ୍କ ଦ୍ୱାରା ଅଭିଯୁକ୍ତମାନଙ୍କ ଓ ଅନ୍ୟ ଦୁଇଜଣଙ୍କ ପକ୍ଷରେ ଯେଉଁ ଖଲାସର ରାୟ ଦିଆଯାଇଥିଲା, ତାହାକୁ ବାତିଲ୍ କରାଯାଇଥିଲା ।

ଆଠ ଜଣ ଆବେଦନକାରୀ ସମେତ ଦଶ ଜଣ ଅଭିଯୁକ୍ତ (ରାମ ସହାୟ କୌଣସି ଆବେଦନ ଦାଖଲ କରିନାହାଁନ୍ତି ଏବଂ ଉମା ଶଙ୍କର ସେବେଠାରୁ ଜେଲରେ ମୃତ୍ୟୁବରଣ କରିଛନ୍ତି) ଆଇପିସି ଧାରା 149 ଏବଂ ଆଇପିସି ଧାରା 148 ଏବଂ 147 ଅନୁଯାୟୀ ଅପରାଧ ପାଇଁ ବିଚାର କରାଯାଇଥିଲା । ଆବେଦନକାରୀ ଉମା ଶଙ୍କରଙ୍କୁ ମଧ୍ୟ ଆଇପିସି ଧାରା 436 ଅନୁଯାୟୀ ଏକ ଅପରାଧ ପାଇଁ ବିଚାର କରାଯାଇଥିଲା । ରାମ ନାରାୟଣଙ୍କ ସହିତ ଆବେଦନକାରୀ ରାଜା ରାମ, ଆନନ୍ଦୀ, ରାମ ଜାଙ୍କ, ହରିବଂଶ, ହାଲକେ ଏବଂ ଉମା ଶଙ୍କରଙ୍କ ବିରୁଦ୍ଧରେ ମଧ୍ୟ ରାମ ଲଖନଙ୍କୁ ଗୁରୁତର ଆଘାତ ଦେବା ପାଇଁ ଆଇପିସି ଧାରା 325/149 ଅନୁଯାୟୀ ବିଚାରଣା କରାଯାଇଥିଲା, ଯେତେବେଳେ ଆନନ୍ଦୀ ଆବେଦନକାରୀଙ୍କ ବିରୁଦ୍ଧରେ ସହୋଦରା ବାଈଙ୍କୁ ସାମାନ୍ୟ ଆଘାତ ଦେବା ପାଇଁ ଆଇପିସି ଧାରା 323 ଅନୁଯାୟୀ ଆରୋପ କରାଯାଇଥିଲା ।

ସଂକ୍ଷେପରେ ଅଭିଯୋଜନ ପକ୍ଷର ମାମଲା ହେଉଛି ଯେ, 23.3.1983 ତାରିଖ ସକାଳ 11ଟା ସମୟରେ ଗାଁ ଛିଗମ୍ପା, ଥାନା ଗୁନୋର ଅଞ୍ଚଳରେ, ଅଭିଯୁକ୍ତମାନେ ରାମ ସାହାଇ ଓ ଉମା ଶଙ୍କର ସହିତ ମିଳି, ପୂର୍ବ ଶତ୍ରୁତାର କାରଣରୁ ମୃତ ହଲ୍କେ ଉପରେ ଆକ୍ରମଣ କରିଥିଲେ, ଯିଏ ସେତେବେଳେ ଖଜୁଙ୍କ ଘରେ ବସିଥିଲେ । ଏହି ଆକ୍ରମଣରେ ହଲ୍କେ ଗୁରୁତର ଆହତ ହୋଇଥିଲେ ଏବଂ ପରେ ସେ ମୃତ୍ୟୁବରଣ କରିଥିଲେ । ରାମ ଲଖନ P.W.I. ଏବଂ ସହୋଦରା ବାଇ P.W.I.ଙ୍କୁ ମଧ୍ୟ ଆଘାତ ଲାଗିଛି । ଘଟଣାର ପ୍ରଥମ ସୂଚନା ରିପୋର୍ଟ 23.2.1984 ରେ ଅପରାହ୍ନ 3.30 ସମୟରେ ଗୁନୋର ପୋଲିସ ଷ୍ଟେସନରେ ରାମ ଲଖନ P.W.I. ଦ୍ୱାରା ଦାଖଲ କରାଯାଇଥିଲା । ଅଭିଯୁକ୍ତ ପକ୍ଷ ପରସ୍ପର ସମ୍ପର୍କିତ ଏବଂ ଅଭିଯୋଗକାରୀ ପକ୍ଷର ପ୍ରତ୍ୟକ୍ଷଦର୍ଶୀମାନେ ମଧ୍ୟ ପରସ୍ପର ସମ୍ପର୍କିତ, କେବଳ ପିଡବ୍ଲୁ 2 ବିଶାଳା ଏବଂ ପିଡବ୍ଲୁ 6 ବଜ୍ରୁ, ଯେଉଁମାନେ ଯେକୌଣସି ଭାବରେ ବିଚାର ସମୟରେ ବିରୋଧି ହୋଇଗଲେ ।

ଆବେଦନକାରୀଙ୍କ ତରଫରୁ ହାଜର ହୋଇଥିବା ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ରାଜିନ୍ଦର ସିଂଙ୍କ ଦ୍ୱାରା ଏହି ମାମଲାରେ ନଥିଭୁକ୍ତ କରାଯାଇଥିବା ପ୍ରମାଣ ମାଧ୍ୟମରେ ଆମେ ଗ୍ରହଣ କରିଛୁ ।

ନଥିରେ ଥିବା ପ୍ରମାଣରୁ ଆମେ ସନ୍ତୁଷ୍ଟ ଯେ, ଅଭିଯୋଜନ ପକ୍ଷ ଯେପରି ଆକ୍ରମଣର ବିବରଣୀ ଦେଇଛି, ସେହି ବିବରଣୀ ମୂଳତଃ ସଠିକ୍ ଅଟେ ଏବଂ ଉଚ୍ଚ ନ୍ୟାୟାଳୟ ଯେପରି ପ୍ରମାଣଗୁଡିକୁ ତର୍ଜମା କରିଛନ୍ତି, ସେଥିରେ କୌଣସି ତ୍ରୁଟି ଦେଖାଯାଏ ନାହିଁ । ନଥିରେ ଥିବା ପ୍ରମାଣଗୁଡିକର ଆମ ଯାଞ୍ଚରୁ ଏହା ପ୍ରକାଶ ପାଉଛି ଯେ, ଅଭିଯୋଜନ ପକ୍ଷ, ଅଭିଯୁକ୍ତମାନେ ଓ ରାମ ସହାୟ ବିରୋଧରେ ତାଙ୍କ ଦୋଷକୁ ସଫଳତାର ସହିତ ସ୍ଥାପନ କରିପାରିଛନ୍ତି, ଯିଏ ତାଙ୍କ ଦୋଷସିଦ୍ଧି ଓ ଦଣ୍ଡ ବିରୋଧରେ କୌଣସି ଆବେଦନ ଦାଖଲ କରିନାହାନ୍ତି, ଏବଂ ଏହି ସବୁ ଯୁକ୍ତିସଂଗତ ସନ୍ଦେହର ବାହାରେ ସ୍ଥାପିତ ହୋଇଛି । ପ୍ରତ୍ୟକ୍ଷଦର୍ଶୀ PW1, PW3, PW4, PW5, PW7 ଏବଂ PW8 ଙ୍କ ପ୍ରମାଣ ସମାନ ଏବଂ ସେମାନଙ୍କ ବିଶ୍ୱସନୀୟତା ଉପରେ ସନ୍ଦେହ ସୃଷ୍ଟି କରୁଥିବା କିଛି ଆମ ଦୃଷ୍ଟିକୁ ଆସିନାହିଁ । ସେମାନେ ଜେରାର ସମ୍ମୁଖୀନ ଭଲ ଭାବରେ ହୋଇଛନ୍ତି । ଚାକ୍ଷୁସ ସାକ୍ଷୀମାନଙ୍କ ମଧ୍ୟରୁ ଦୁଇଜଣ ସ୍ୱୟଂ ଆହତ ହୋଇଥିବାରୁ, ସେମାନେ ଚିହ୍ନିତ ସାକ୍ଷୀ ଅଟନ୍ତି । ନିଶ୍ଚୟ, ଅଭିଯୋଜନ ପକ୍ଷର ସାକ୍ଷୀମାନେ ଆକ୍ରମଣ ଘଟଣାରେ ଅଭିଯୁକ୍ତମାନଙ୍କ ଭୂମିକାକୁ କିଛି ପରିମାଣରେ ଅତିରଞ୍ଜିତ କରିଛନ୍ତି, କିନ୍ତୁ କେବଳ ସେହି କାରଣରେ ସମୁଦାୟ ଅଭିଯୋଜନ ପକ୍ଷର ମାମଲାକୁ ଅବିଶ୍ୱାସ କରାଯାଇପାରିବ ନାହିଁ । ଆମକୁ ଏହା ଦେଖାଯାଉଛି ଯେ ବିଚାରଣ ନ୍ୟାୟାଳୟ ପ୍ରମାଣକୁ ପ୍ରାଞ୍ଜଳ ଭାବରେ ଯାଇ ସମୁଦାୟ ଅଭିଯୋଜନ ପକ୍ଷ ମାମଲାକୁ ଖାରଜ କରିବାର ସହଜ ଉପାୟ ଗ୍ରହଣ

କରିଥିଲେ ଏବଂ ଛୋଟ ଛୋଟ ବିସଙ୍ଗତି ଏବଂ ବିରୋଧାଭାସ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଥିଲେ । ଆମେ ନିଜକୁ ବିଚାରଣ ନ୍ୟାୟାଳୟଙ୍କର ଯୁକ୍ତି ସହିତ ସହମତ ହେବାରେ ଅସମର୍ଥ ମନେ କରୁ । ବିଚାର ନ୍ୟାୟାଳୟର ନିଷ୍କର୍ଷଗୁଡିକ ଅନୁମାନ ଓ କଳ୍ପନା ଉପରେ ଆଧାରିତ ଅଟେ ଏବଂ ଆମେ ସେହି ନିଷ୍କର୍ଷଗୁଡିକ ସହିତ ସମ୍ମତ ହେବାକୁ ସ୍ୱୟଂକୁ ପ୍ରେରିତ କରିପାରିନାହୁଁ । ବିଚାରଣ ନ୍ୟାୟାଳୟ FIR ଦାଖଲରେ ଏହିପରି ଡେରି ହୋଇଥିବାରୁ ନିଆଯାଇଥିବା ନକାରାତ୍ମକ ଅନୁମାନ ସମ୍ପୂର୍ଣ୍ଣ ଯୁକ୍ତିସଂଗତ ନୁହେଁ, ଯେହେତୁ ଖଜୁଙ୍କ ଘରକୁ ଆଗ ଲଗାଯାଇଥିଲା ଏବଂ ହଲ୍କେ, ରାମଲଖନ ଓ ସହୋଦରା ବାଇ ସମସ୍ତେ ଆହତ ହୋଇଥିଲେ । ସେମାନଙ୍କ ସମ୍ପର୍କୀୟମାନଙ୍କର ଚିନ୍ତା ସ୍ୱାଭାବିକ ଭାବରେ ପ୍ରଥମିକ ଚିକିତ୍ସା ପ୍ରଦାନ କରିବା ପାଇଁ ଥିଲା, ନ କି ତୁରନ୍ତ ଥାନାକୁ ଯାଇ ରିପୋର୍ଟ ଦାଖଲ କରିବାକୁ । ତାହା ଛାଡ଼ି, ଘଟଣା ସକାଳ 11ଟାରୁ ଘଟିଥିବା ଏବଂ ଥାନାରେ 3.30 ବେଳେ ରିପୋର୍ଟ ଦାଖଲ କରାଯାଇଥିବାକୁ, ରିପୋର୍ଟ ଦାଖଲରେ ଦେରି ହୋଇଛି ବୋଲି କୁହାଯାଇପାରିବ ନାହିଁ । ପ୍ରମାଣଗୁଡିକର ବିଶ୍ଳେଷଣରୁ ଏବଂ ବିଶେଷକରି PW1 ଓ PW7 ଙ୍କ ବିଶ୍ୱସନୀୟ ବିବୃତ୍ତି ଯେଉଁମାନେ ଘଟଣା ସମୟରେ ଆହତ ହୋଇଥିଲେ, ଆମେ ଦେଖୁଛୁ ଯେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ରାମଲଖନ (PW1) ଉପରେ ହୋଇଥିବା ଆହତ ପାଇଁ ଆଇ.ପି.ସି. ଧାରା 325 ଓ ସହୋଦରା ବାଇ (PW7) ଉପରେ ହୋଇଥିବା ଆଘାତ ପାଇଁ ଧାରା 323 ଆଇ.ପି.ସି. ଅନୁସାରେ ଦୋଷସିଦ୍ଧି ଏବଂ ଦଣ୍ଡରେ କୌଣସି ହସ୍ତକ୍ଷେପ ଆବଶ୍ୟକ ନୁହେଁ । ତେଣୁ ଆମେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଲିପିବଦ୍ଧ କରାଯାଇଥିବା ଆଇପିସି ଧାରା 325 ଏବଂ 323 ଅନୁଯାୟୀ ଅପରାଧ ପାଇଁ ଆବେଦନକାରୀଙ୍କ ଦଣ୍ଡବିଧାନ ଏବଂ ଦଣ୍ଡାଦେଶକୁ ନିଶ୍ଚିତ କରୁଛୁ ।

ହାଲକେଙ୍କ ମୃତ୍ୟୁ ପାଇଁ, ଉଚ୍ଚ ନ୍ୟାୟାଳୟ IPC ଧାରା 302/149 ଅନୁଯାୟୀ ରାମ ସହାୟ ଏବଂ ଉମା ଶଙ୍କରଙ୍କ ସହିତ ଆବେଦନକାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ ଏବଂ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ମୃତକଙ୍କୁ ଆକ୍ରମଣ କରିବା ପାଇଁ ଆବେଦନକାରୀମାନେ ଯେଉଁ ଅସ୍ତ୍ରଶସ୍ତ୍ର ଧରି ଯାଇଥିଲେ ସେ ସମ୍ପର୍କରେ ଡାକ୍ତରୀ ପ୍ରମାଣ ଏବଂ ଅଭିଯୋଜନ ପକ୍ଷର ମତାମତ ପ୍ରତି ବିଜ୍ଞ ବରିଷ୍ଠ ଓକିଲ ଶ୍ରୀ ରାଜିନ୍ଦର ସିଂହ ଆମର ଦୃଷ୍ଟି ଆକର୍ଷଣ କରିଛନ୍ତି । ସେ ଯୁକ୍ତି କରିଥିଲେ ଯେ, ରାଜାରାମ (ଅଭିଯୁକ୍ତ) ବଲ୍ଲମ୍, ରାମଶଙ୍କର ଫାର୍ସା, ରାମ ସହାୟ କୁଟରା, ରାଜ ପ୍ରତାପ ଗୃହ ନିର୍ମିତ ପିସ୍ତଲ୍ ଏବଂ ଅନ୍ୟମାନେ ଲଠି ସହିତ ଥିଲେ ମଧ୍ୟ, କୌଣସି ଘାତକ ଅସ୍ତ୍ର ବ୍ୟବହୃତ ହୋଇନଥିଲା, ତେଣୁ ଘଟଣାର ପରିସ୍ଥିତି ଓ ପ୍ରମାଣ ଦୃଷ୍ଟିରେ ଆଇ.ପି.ସି. ଧାରା 302/149 ଅନୁସାରେ ଦୋଷସିଦ୍ଧି ଗ୍ରହଣୀୟ ନୁହେଁ ।

ଡାକ୍ତରୀ ପ୍ରମାଣରୁ ଆମେ ଜାଣିବାକୁ ପାଇଲୁ ଯେ ମୃତଙ୍କୁ ବଲ୍ଲମ, ଫାର୍ସା କିମ୍ବା ଏପରିକି ଏକ କୁରାଢ଼ୀ ଦ୍ୱାରା କୌଣସି ଆଘାତ ହୋଇନଥିଲା, ମୃତ ବ୍ୟକ୍ତିଙ୍କ ବାମ ପାଦ ନିକଟରେ ଆଣ୍ଠୁ ତଳେ ଦେଶୀ ନିର୍ମିତ ପିସ୍ତଲ ଦ୍ୱାରା ହୋଇଥିବା ଆଘାତ ବିଷୟରେ, ସେମାନେ ଏହା ମଧ୍ୟ ଦର୍ଶାଇବାକୁ ଚାହାନ୍ତି ଯେ ଅଭିଯୁକ୍ତ ପକ୍ଷ ହାକ୍କେଙ୍କ ହତ୍ୟା କରିବାକୁ ଚାହୁଁନଥିଲେ ।

ଡକ୍ଟର କେ. ଏମ୍. ଓଝା ପି. ଡବ୍ଲ୍ୟୁ. 15 ସ୍ୱୀକାର କରିଥିଲେ ଯେ ଆଣ୍ଠୁ ତଳେ ହୋଇଥିବା ଆଘାତ ଏକ ଦେଶୀ ନିର୍ମିତ ପିସ୍ତଲ ଦ୍ୱାରା ହୋଇଛି କି ନାହିଁ ତାହା ସେ ନିଶ୍ଚିତ ଭାବରେ କହିପାରିବେ ନାହିଁ କାରଣ ସେ ହାକ୍କେଙ୍କ ଶବରେ କୌଣସି ଗୁଳି କିମ୍ବା ଖୋକା ପାଇ ନଥିଲେ । ତେଣୁ, ଏହା ସ୍ପଷ୍ଟ ଯେ ଯଦିଓ ଆବେଦନକାରୀମାନେ ଏକ ଦେଶୀ ନିର୍ମିତ ପିସ୍ତଲ ଏବଂ ଏକ କୁରାଢ଼ୀ ସମେତ ଭୟଙ୍କର ଅସ୍ତ୍ରଶସ୍ତ୍ର ସହିତ ସଜ୍ଜିତ ଥିଲେ, ସେମାନେ ମୃତ ବ୍ୟକ୍ତିଙ୍କୁ ଆଘାତ ଦେବା ପାଇଁ ସେହି ମାରଣାସ୍ତ୍ର ବ୍ୟବହାର କରିନଥିଲେ । ମୃତକ ମୁଖ୍ୟତଃ ଲାଠି ମାଡ଼ରେ ଆଘାତ ହୋଇଥିଲେ । ମୃତକଙ୍କ ଶରୀରର କୌଣସି ଗୁରୁତ୍ୱପୂର୍ଣ୍ଣ ଅଂଶରେ ମଧ୍ୟ କୌଣସି ଆଘାତ ହୋଇନଥିଲା । ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟ ଏବଂ ଡାକ୍ତରୀ ପ୍ରମାଣକୁ ଦୃଷ୍ଟିରେ ରଖି, ଆମେ ଏହା ମାନିବା କଷ୍ଟକର ଯେ, ଆବେଦନକାରୀମାନେ ମୃତ ବ୍ୟକ୍ତିଙ୍କ ଶରୀରରେ ଆଘାତ ପହଞ୍ଚାଇବାକୁ ଚାହୁଁଥିଲେ, ଯାହା ତାଙ୍କର ମୃତ୍ୟୁର କାରଣ ହେବା ପାଇଁ ପ୍ରାକୃତିକ ଭାବେ ଯଥେଷ୍ଟ ଥିଲା । ବାସ୍ତବରେ, ପି.ଡବ୍ଲ୍ୟୁ. 15 ଭାବରେ ହାଜର ହୋଇଥିବା ଡକ୍ଟର ଓଝା ନିଜ ସାକ୍ଷ୍ୟରେ ଏହା ମଧ୍ୟ ଦର୍ଶାଇ ନାହାନ୍ତି ଯେ ମୃତକଙ୍କ ଶରୀରରେ ଯେଉଁ କ୍ଷତ ଚିହ୍ନ ରହିଛି, ତାହା ସାଧାରଣ ଭାବେ ମୃତ୍ୟୁର କାରଣ ହୋଇପାରେ । ଅନ୍ୟପକ୍ଷରେ ସେ ଦର୍ଶାଇଛନ୍ତି ଯେ ହକ୍କେଙ୍କ ଆଘାତ ଯୋଗୁଁ ତାଙ୍କର ତତକ୍ଷଣାତ୍ ମୃତ୍ୟୁ ହୋଇନପାରେ, କିନ୍ତୁ "6 ରୁ 18 ଘଣ୍ଟା ମଧ୍ୟରେ ଅତ୍ୟଧିକ ରକ୍ତସ୍ରାବ କାରଣରୁ ମୃତ୍ୟୁ ଘଟିପାରେ । "ଆବେଦନକାରୀମାନେ ଯଦି ମୃତ ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇବା ପାଇଁ ସମାନ ଉଦ୍ଦେଶ୍ୟ ରଖିଥାନ୍ତେ, ତେବେ କୌଣସି ଅସ୍ତ୍ର ଯେପରିକି ଛୁରି, ବଲ୍ଲମ, ପିସ୍ତଲ ଆଦି ବ୍ୟବହାର କରି ମୃତ ବ୍ୟକ୍ତିଙ୍କ ଶରୀରର କୌଣସି ଗୁରୁତ୍ୱପୂର୍ଣ୍ଣ ଅଙ୍ଗକୁ ଆକ୍ରମଣ କରିବାରୁ ସେମାନଙ୍କୁ କ'ଣ ଅଟକାଇ ପାରିଥାନ୍ତେ ? ମୃତକଙ୍କ ଶରୀରରେ ଗୋଟିଏ ଆଘାତ ବ୍ୟତୀତ ଅନ୍ୟ ସମସ୍ତ ଆଘାତ, ଡାକ୍ତରୀ ପ୍ରମାଣ ଅନୁଯାୟୀ, ସାମାନ୍ୟ ଆଘାତ ଥିଲା । ନଥିରେ ଥିବା ତଥ୍ୟର ବିଶ୍ଳେଷଣରୁ ଜଣାପଡିଛି ଯେ, ଆବେଦନକାରୀ ଓ ସେମାନଙ୍କ ଦୁଇ ସହଯୋଗୀ ମୃତ ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇବାକୁ ଚାହୁଁନଥିଲେ । ଅଭିଯୋଜନ ପକ୍ଷ ଦ୍ୱାରା ପ୍ରମାଣିତ ତଥ୍ୟଗୁଡ଼ିକ ଓ ନଥିରେ ଥିବା ସ୍ଥାପିତ ପରିସ୍ଥିତିଗୁଡ଼ିକୁ ଦେଖିଲେ, ଏହା ସ୍ପଷ୍ଟ ହେଉଛି ଯେ ଆବେଦନକାରୀମାନଙ୍କ ମାମଲା, ଭାରତୀୟ ଦଣ୍ଡବିଧି (IPC) ର ଧାରା 300 ରେ ଥିବା ହତ୍ୟାର ପରିଭାଷାର ଚାରିଟି ଖଣ୍ଡର ମଧ୍ୟରେ କେଉଁଥିରେ ମଧ୍ୟ ଆସୁନାହିଁ । କିନ୍ତୁ, ଯେପରିକି ଶବ ବ୍ୟବଚ୍ଛେଦ ବିବରଣୀରେ ଉଲ୍ଲେଖ ହୋଇଛି ଏବଂ ସାକ୍ଷୀ ଡାକ୍ତର ଓଝା (PW15) ଦ୍ୱାରା

କୁହାଯାଇଛି, ସେହି ଆଘାତଗୁଡ଼ିକ ଦେବା ସମୟରେ ଆବେଦନକାରୀମାନଙ୍କ ଏହାର ଜ୍ଞାନ ଥିଲା ବୋଲି ଧାରଣ କରିବାକୁ ହେବ ଯେ, ସେମାନଙ୍କ କାର୍ଯ୍ୟ ଫଳରେ ମୃତକଙ୍କ ମୃତ୍ୟୁ ହେବା ସମ୍ଭାବନା ଥିଲା, ଯଦିଓ ସେମାନଙ୍କର ମୃତକଙ୍କୁ ହତ୍ୟା କରିବା ବା ସେପରି ଶରୀରିକ ଆଘାତ ଦେବା ଯାହା ମୃତ୍ୟୁ ସମ୍ଭବ କରିପାରେ, ଏପରି କୌଣସି ଉଦ୍ଦେଶ୍ୟ ଥିଲା ନାହିଁ। ଏହି ପରିସ୍ଥିତିରେ, ଏହା ଏକ ନରହତ୍ୟା ପଦବାଚ୍ୟ ହେଉନଥିବା ଦୂଷଣୀୟ ନରହତ୍ୟା ହେବ, ଯାହା ଭାରତୀୟ ଦଣ୍ଡବିଧି (IPC) ର ଧାରା 299 ର ତୃତୀୟ ଖଣ୍ଡ ଅନୁସାରେ ଆସେ ଏବଂ ଯାହାକୁ ଧାରା 304 ର ଦ୍ୱିତୀୟ ଭାଗ/149 ଅନୁସାରେ ଦଣ୍ଡନୀୟ ବୋଲି ଗଣାଯାଏ । ସେହିପରି, ଆମ ମତ ହେଉଛି ଯେ, ଉଚ୍ଚ ନ୍ୟାୟାଳୟ ଆବେଦନକାରୀମାନଙ୍କୁ ଓ ଅନ୍ୟ ଦୁଇଜଣଙ୍କୁ ଧାରା 302/149 IPC ଅନୁସାରେ ଦୋଷୀ ସାବ୍ୟସ୍ତ କରିବାରେ ଯୁକ୍ତିସଙ୍ଗତ ହୋଇନଥିଲେ । ସେମାନଙ୍କୁ କେବଳ ଧାରା 304 ର ଦ୍ୱିତୀୟ ଭାଗ ସହିତ ପଢ଼ାଯାଇଥିବା ଭାରତୀୟ ଦଣ୍ଡବିଧି ସଂହିତା (IPC) ଧାରା 149 ଅନୁସାରେ ଦଣ୍ଡନୀୟ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରା ଯାଇପାରେ । ଏହି କାରଣରୁ, ଆମେ ସେମାନଙ୍କ IPC ଧାରା 302/149 ଅନୁସାରେ ଦୋଷାରୋପକୁ ବାତିଲ କରୁଛୁ ଏବଂ ତାହାର ପରିବର୍ତ୍ତେ ସେମାନଙ୍କୁ ଧାରା 304 ର ଦ୍ୱିତୀୟ ଭାଗ ସହିତ ପଢ଼ାଯାଇଥିବା IPC ଧାରା 149 ଅନୁସାରେ ଦୋଷୀ ସାବ୍ୟସ୍ତ କରିଛୁ ।

ଏବେ ଦଣ୍ଡର ପ୍ରଶ୍ନକୁ ଆସିବା । ରାମ ଲଖନ (PW1) ଓ ସହୋଦରା ବାଇ (PW7) ଙ୍କୁ ହୋଇଥିବା ଆଘାତ ସମ୍ବନ୍ଧରେ, ଭାରତୀୟ ଦଣ୍ଡବିଧି ସଂହିତା (IPC) ଧାରା 325 ଓ 323 ଅନୁସାରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ଆବେଦନକାରୀମାନଙ୍କ ବିରୋଧରେ ଦିଆଯାଇଥିବା ଦୋଷାରୋପ ଓ ଦୋଷସିଦ୍ଧିକୁ ଆମେ ପୂର୍ବରୁ ଅନୁମୋଦନ କରିସାରିଛୁ । ଭାରତୀୟ ଦଣ୍ଡବିଧି ସଂହିତା (IPC) ଧାରା 304 ର ଦ୍ୱିତୀୟ ଭାଗ ସହିତ ପଢ଼ାଯାଇଥିବା ଧାରା 149  ଅନୁସାରେ ଅପରାଧ ସମ୍ବନ୍ଧରେ, ଆମ ମତ ହେଉଛି ଯେ...ଯଦି ଆବେଦନକାରୀମାନଙ୍କୁ ପାଞ୍ଚ ବର୍ଷର ସଶ୍ରମ କାରାଦଣ୍ଡ ଏବଂ ପ୍ରତ୍ୟେକଙ୍କୁ 1000 ଟଙ୍କା ଜରିମାନା ଦଣ୍ଡ ଦିଆଯାଇଥାଏ, ତେବେ ତାହା ନ୍ୟାୟର ଉଦ୍ଦେଶ୍ୟ ପୂରଣ କରିବ ବୋଲି ଆମ ମତ। ଜରିମାନା ଦେବାରେ ବିଫଳ ହେଲେ, ପ୍ରତ୍ୟେକ ଆବେଦନକାରୀଙ୍କୁ ଅତିରିକ୍ତ ଏକ ବର୍ଷର ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ । ଜରିମାନା ରାଶି ଆଦାୟ ହେଲେ, ସେଥିରୁ 2000 ଟଙ୍କା ରାମ ଲଖନ (PW1) ଙ୍କୁ ଦିଆଯିବ ଏବଂ ଅବଶିଷ୍ଟ 6000 ଟଙ୍କା ହକ୍କେ ମୃତକଙ୍କ ବିଧବାଙ୍କୁ ପ୍ରଦାନ କରାଯିବ ।

ରାମ ସହାୟ (ଅଭିଯୁକ୍ତ ସଂଖ୍ୟା 4) ତାଙ୍କ ଦୋଷାରୋପ ଓ ଦୋଷସିଦ୍ଧି ବିରୋଧରେ କୌଣସି ଆବେଦନ ଦାଖଲ କରିନାହାନ୍ତି । ତଥାପି, ଆମେ ଦେଖୁଛୁ ଯେ ତାଙ୍କ ମାମଲା ଆବେଦନକାରୀଙ୍କ

ମାମଲା ସହିତ ସମାନ ଏବଂ ଏଥିରେ କୌଣସି ସ୍ୱତନ୍ତ୍ର ଭିନ୍ନତା ନାହିଁ। ଆମ ମତରେ, ସେହିପରି ରାମ ସହାୟଙ୍କୁ ମଧ୍ୟ ଆମ ରାୟର ସୁବିଧା ଦିଆଯିବା ଉଚିତ ବୋଲି ମନେହେଉଛି । ଆଇପିସିର ଧାରା 302/149 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିବା ବ୍ୟକ୍ତିଙ୍କ ଦଣ୍ଡକୁ ଆଇପିସିର ଧାରା 149 ସହ ପଠିତ ଧାରା 304 ଭାଗ 2 ଅନୁଯାୟୀ ଦଣ୍ଡିତ କରାଯାଇଛି । ଏଥିସହିତ ତାଙ୍କୁ 5 ବର୍ଷ ସଶ୍ରମ କାରାଦଣ୍ଡ ଏବଂ 1 ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି । ଜରିମାନା ନଦେଲେ ତାଙ୍କୁ ଏକ ବର୍ଷ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ । ରାମ ସାହାଇଙ୍କଠୁ ଜରିମାନା ମିଳିବା ପରେ ପିଡବ୍ଲୁ 7 ସାହୋଦରା ବାଇଙ୍କୁ ପ୍ରଦାନ କରାଯିବ ।

ଦଣ୍ଡବିଧାନ ଏବଂ ଦଣ୍ଡାଦେଶରେ ଉପରୋକ୍ତ ପରିବର୍ତ୍ତନ ସହିତ, ଆବେଦନକୁ ଆଂଶିକ ଭାବରେ ଅନୁମତି ଦିଆଯାଇଛି ।

ଜି. ଏନ୍. ଆବେଦନକୁ ଅନୁମତି ଦିଆଗଲା ।

<u>ଅସ୍ୱୀକରଣ</u>

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:<br>
ଅନୁବାଦିକା:<br>
ତପସ୍ୱିନୀ ବିଶ୍ୱାଳ<br>
ଓଡ଼ିଶା ଉଚ୍ଚ ନ୍ୟାୟାଳୟ,<br>
କଟକ ।